# ସହଜ ଓ ସ୍ୱଳ୍ପ ଖର୍ଚ୍ଚ ପଦ୍ଧତିରେ ସର୍ପଗନ୍ଧା ଚାଷ

**ଚାଷୀ ତାଲିମ ପୁସ୍ତିକା**

**ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ**

**ଓଡିଶା**

**ଭୁବନେଶ୍ୱର**

## ସର୍ପଗନ୍ଧା ବୃକ୍ଷ ସମ୍ପର୍କରେ କିଛି ସାଧାରଣ କଥା

- ସମଗ୍ର ଭାରତରେ ସର୍ପଗନ୍ଧା ଏକ ବିରଳ ପ୍ରଜାତିର ଔଷଧୀୟ ଉଦ୍ଭିଦ | ଏହା ଏକ ବହୁ ବର୍ଷୀୟ ଉଦ୍ଭିଦ ଏବଂ ଏହାର ଉଚ୍ଚତା ୭୫ ସେ. ମି. ରୁ ୧୦୦ ସେ. ମି. ପର୍ଯ୍ୟନ୍ତ ହୋଇଥାଏ |
- ଏହାର ମୂଳ ମାଟି ତଳକୁ ୫୦-୬୦ ସେ. ମି. ପର୍ଯ୍ୟନ୍ତ ଯାଇଥାଏ, ଏହାର ଚେର ର ଗୋଲେଇ ୦.୫- ୩ ସେ. ମି. ପର୍ଯ୍ୟନ୍ତ ହୋଇଥାଏ |
- ଏହାର ଚେରକୁ ହିଁ ଔଷଧ ରୂପେ ବ୍ୟବହାର କରାଯାଏ |
- ବିଶେଷ କରି ଉଚ୍ଚ ରକ୍ତଚାପ, ଅପସ୍ମାର, ଅନିଦ୍ରା, ସ୍ନାୟୁଗତ ଦୁର୍ବଳତା ଆଦି ରୋଗର ନିରାକରଣ ନିମିତ୍ତ ବହୁଳ ମାତ୍ରାରେ ବ୍ୟବହାର କରାଯାଏ |





# ସର୍ପଗନ୍ଧା ଚାଷ ନିମନ୍ତେ ଆବଶ୍ୟକ ଜଳବାୟୁ ଓ ମୃତ୍ତିକା

- ସର୍ପଗନ୍ଧା ଏକ ବିଷୁବ ମଣ୍ଡଳୀୟ ଉଦ୍ଭିଦ | ମାତ୍ର ଏହାର ଚାଷ କ୍ରାନ୍ତୀୟ ଏବଂ ଉପ-କ୍ରାନ୍ତୀୟ ଅଂଚଳରେ ମଧ୍ୟ କରାଯାଇ ପାରିବ |
- ଏହାର ଚାଷ ଅଧିକ ବୃଷ୍ଟିପାତ ଏବଂ ବର୍ଷ ଯାକର ଆପେକ୍ଷିକ ଆର୍ଦ୍ରତା ଅଧିକ ଥିବା ଅଞ୍ଚଳରେ କଲେ ଅମଳ ଅଧିକ ହୋଇଥାଏ |

| ବାର୍ଷିକ ହାରାହାରି ତାପମାତ୍ରା | ବାର୍ଷିକ ହାରାହାରି ବୃଷ୍ଟିପାତ | ବୁଣିବା ସମୟର ତାପମାତ୍ରା | ଅମଳ ସମୟର ତାପମାତ୍ରା |
|---|---|---|---|
| 10 ରୁ 35 ଡିଗ୍ରୀ ସେଲସିୟସ | 1500 ମିଲିମିଟର କିମ୍ବା ତଦୁର୍ଦ୍ଧ | 25 ରୁ 35 ଡିଗ୍ରୀ ସେଲସିୟସ କିମ୍ବା ତଦୁର୍ଦ୍ଧ | 10 ରୁ 20 ଡିଗ୍ରୀ ସେଲସିୟସ |

- ସର୍ପଗନ୍ଧା ଏକ ଟାଣ ଗଣ୍ଡି ବା କାଣ୍ଡ ବିଶିଷ୍ଟ ଉଦ୍ଭିଦ ହୋଇଥିବାରୁ ଏହାର ଚାଷ ବିଭିନ୍ନ ପ୍ରକାରର ମାଟିରେ କରାଯାଇପାରିବ |
- ଏହାର ଚାଷ ସାମାନ୍ୟ ଅମ୍ଳୀୟ ମୃତ୍ତିକା ସହିତ ନିଗିଡ଼ା ଜମି ରେ ଏହି ଚାଷ କରାଯାଇଥାଏ |
- କୃଷ୍ଣ-କାର୍ପାସ, ବାଲିଆ ଦୋରସା ଓ ମୋରମ ମିଶା ମୃତ୍ତିକା, ଯାହାର ଅମ୍ଳୀୟତା ୫.୦ ରୁ ୬.୫ ପର୍ଯ୍ୟନ୍ତ ଥିଲେ ଏହି ଚାଷରୁ ଅମଳ ଭଲ ହୋଇଥାଏ |

# ଚାଷ ନିମନ୍ତେ ସର୍ପଗନ୍ଧାର ପ୍ରକାରଭେଦ ଓ ମଞ୍ଜିର ଆବଶ୍ୟକତା

- ଭାରତରେ ମୁଖ୍ୟତଃ 2 ପ୍ରକାରର ସର୍ପଗନ୍ଧାର ଚାଷ କରାଯାଇଥାଏ |

| କ୍ର. ସଂ. | କିସମ | ଉପଲାବଦ୍ଧତା | ଗୁଣବତ୍ତା | ପ୍ରତିରୋପଣ ପାଇଁ ଦରକାର ହେଉଥିବା ଅଂଶ | ହେକଟର ପ୍ରତି ଦରକାର |
|---|---|---|---|---|---|
| 1) | ଆର.ଏସ. 01 | ଜବାହର ଲାଲ ନେହେରୁ କୃଷି ବିଶ୍ୱ ବିଦ୍ୟାଳୟ, ଇନ୍ଦୋର, ମଧ୍ୟ ପ୍ରଦେଶ | ➢ ଏହି ପ୍ରଜାତିରୁ ଉତ୍ପନ୍ନ ହେଉଥିବା ମଞ୍ଜିରୁ ପାଖାପାଖି 50 ରୁ 60 ପ୍ରତିଶତ ମଞ୍ଜି ଅଙ୍କୁରୋଦଗମ ହୋଇଥାଏ<br>➢ ଏହି ପ୍ରଜାତି ପ୍ରତି ହେକ୍ଟରକୁ ପାଖାପାଖି 25 କ୍ୱିଣ୍ଟାଲ ଚେର ଅମଳ ଦେଇଥାଏ | | ମଞ୍ଜି, ଚେର ଓ କାଣ୍ଡ | 5 ରୁ 7 କିଲୋଗ୍ରାମ ମଞ୍ଜି |
| 2) | ଆଞ୍ଚଳିକ ଭାବରେ ମିଳୁଥିବା ସର୍ପଗନ୍ଧା ମଞ୍ଜି | ବଣ ଜଙ୍ଗଲ ତଥା ଆଖପାଖ ଅଞ୍ଚଳରେ (ମୟୁରଭଞ୍ଜର ଶିମିଳିପାଳ ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ, କେନ୍ଦୁଝରର କିଛି ଅଞ୍ଚଳ) | ➢ ଏହି ପ୍ରଜାତିରୁ ଉତ୍ପନ୍ନ ହେଉଥିବା ମଞ୍ଜିରୁ ପାଖାପାଖି 30 ରୁ 50 ପ୍ରତିଶତ ମଞ୍ଜି ଅଙ୍କୁରୋଦଗମ ହୋଇଥାଏ<br>➢ ଏହି ପ୍ରଜାତି ପ୍ରତି ହେକ୍ଟରକୁ ପାଖାପାଖି 10 ରୁ 15 କ୍ୱିଣ୍ଟାଲ ଚେର ଅମଳ ଦେଇଥାଏ | | | |

# ସର୍ପଗନ୍ଧା ଚାଷର ସୋପାନ
## (ମୃତ୍ତିକା ପରୀକ୍ଷା)

- ସର୍ପଗନ୍ଧା ଚାଷ ନିମନ୍ତେ ପ୍ରତି ହେକଟର କୁ 20 କିଲୋଗ୍ରାମ ଯବକ୍ଷାରଜାନ, 30 କିଲୋଗ୍ରାମ ଫୋସ୍ଫୋରସ ଏବଂ 30 କିଲୋଗ୍ରାମ ପୋଟାସ ଦରକାର ପଡିଥାଏ |
- ଏହା ନିମନ୍ତେ ଜମିର ଅମ୍ଳୀୟତା 5 ରୁ 6.5 ମଧ୍ୟରେ ରହିବା ଆବଶ୍ୟକ |
- ଏଥି ନିମନ୍ତେ ଜମିର ମୃତ୍ତିକା ପରୀକ୍ଷା କରିନେବା ଜରୁରୀ ଏବଂ ଏହା ନିମ୍ନୋକ୍ତ ପ୍ରକାରରେ କରାଯାଇଥାଏ |
  - ଏଥି ନିମନ୍ତେ ଜମିର 5 ଗୋଟି ଜାଗାରୁ ମୃତ୍ତିକା ସଂଗ୍ରହ କରାଯାଏ | 4 ଗୋଟି କୋଣରୁ 4 ଗୋଟି ଏବଂ ଜମିର ମଝିରୁ ଗୋଟିଏ |
  - ମୃତ୍ତିକା ସଂଗ୍ରହ ନିମନ୍ତେ କୋଡ଼ି ବା କୋଦାଳର ଆବଶ୍ୟକତା ପଡେ | ପ୍ରଥମେ ଗୋଟିଏ ଜାଗା ଚିହ୍ନଟ କରି ସେ ଜାଗାର ପୂର୍ବ-ପଶ୍ଚିମ ଏବଂ ଉତ୍ତର-ଦକ୍ଷିଣ ଦିଗରୁ କୋଡ଼ି ଦ୍ଵାରା ଗୋଟିଏ ଥରରେ ଉପର ମାଟିକୁ ଖୋଳି ବାହାର କରି ଗୋଟିଏ କଡରେ ରଖିବାକୁ ପଡିବ | ତାପରେ ସେହି ଖାତରେ ଆଉ ଠାରେ ଗୋଟିଏ କୋଡ଼ି ଖୋଳି ସେଇ ମାଟିକୁ ଅଲଗା ପରିଷ୍କାର କପଡା କିମ୍ବା ପାଲ ଉପରେ ରଖିବାକୁ ପଡିବ | ଏହିପରି ଭାବରେ 5 ଗୋଟି ମାଟି ସଂଗ୍ରହ କରି ତାକୁ ଭଲ ଭାବରେ ମିଶେଇ ତନ୍ମଧ୍ୟରୁ ଗୋଡି ଏବଂ ଅନ୍ୟାନ୍ୟ ବର୍ଜ୍ୟ ବସ୍ତୁକୁ ଅଲଗା କରିବାକୁ ପଡିବ | ଏଥିରୁ ପାଖାପାଖି 250 ଗ୍ରାମ ର ମାଟିକୁ ନେଇ ଜରି ବ୍ୟାଗରେ ଭରି ନିକଟସ୍ଥ ମୃତ୍ତିକା ପରୀକ୍ଷାଗାରରେ ଦେଲେ ତାର ପରୀକ୍ଷା କରାଯାଇ ପାରିବ |

# ମୃତ୍ତିକା ସଂଗ୍ରହର ଫଟୋ






ନିଜର ସୁବିଧା ନିମନ୍ତେ ମାଟି ସଂଗ୍ରହ କରିଥିବା ସ୍ଥାନକୁ ଚିହ୍ନଟ କରି ରଖିବା ଉଚିତ କିମ୍ବା ମୋବାଇଲ କ୍ୟାମେରାରେ ସେ ସ୍ଥାନର ଜି.ପି.ଏସ. ଫଟୋ ଉଠେଇ ରଖିବା ଦରକାର | ଯାହା ଦ୍ଵାରା କି ପରବର୍ତ୍ତୀ ମୃତ୍ତିକା ପରୀକ୍ଷଣ ବେଳେ ସମାନ ଜାଗାରୁ ମୃତ୍ତିକା ଯିବ ନାହିଁ |

# ସର୍ପଗନ୍ଧା ଚାଷର ସୋପାନ
# (ମୃତ୍ତିକା ପରୀକ୍ଷା – ପ୍ରମାଣପତ୍ର)



OFFICE OF THE ASSISTANT DIRECTOR OF AGRICULTURE SOIL CHEMIST,
SAHEEDNAGAR , BHUBANESWAR , KHORDHA
TELEPHONE NUMBER : 0674-2950868 Email:scbbsr.dag@nic.in

| FARMER'S INFORMATION :- | |
|---|---|
| Name of the Farmer/ Organisation :- | State Medicinal Plant Board, Odisha |
| VILLAGE :- | Bhubaneswar |
| GRAM PANCHAYAT:- | |
| BLOCK/ SUB-DIVISION:- | |
| DISTRICT:- | Khordha |
| Date of Sample Collection:- | 07-06-2022 |
| Mobile No:- | 0674-2954911 |

| LAND INFORMATION :- | |
|---|---|
| Sample Reference:- | 2-Nityanand Sabar |
| Land Type :- | |
| Irrigated/Non-Irrigated :- | |
| Season:- | Kharif 2022 |
| Crop:- | |
| Khata/Plot No. | |

RESULT OF SOIL TESTING

| Lab No.:- P 238 | | |
|---|---|---|
| pH:- | 6.68 | Neutral |
| TSS (ds/m):- | 0.032 | Normal |
| Organic Carbon(%):- | 0.31 | Low |
| Nitrogen (N) | 92.88 | Low |
| Phosphorous (K.g/ Ha):- | 26.27 | Medium |
| Potash (K.g/ Ha) :- | 330.00 | High |

Available Secondary/Micronutrient

| | | |
|---|---|---|
| Sulphur (PPM) | | |
| Zinc (PPM) | | |
| Boron (PPM) | | |
| Iron(Fe) (PPM) | | |
| Manganese(Mn) (PPM) | | |
| Copper(Cu) (PPM) | | |

DURATION OF VALIDITY OF SHC FROM : 10/08/2022 TO : 09/08/2024

Assistant Director of Agriculture,
Soil Chemist, Khordha , Bhubaneswar

ରାଜ୍ୟ ମୃତ୍ତିକା ପରୀକ୍ଷାଗାର, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ମୃତ୍ତିକା ପରୀକ୍ଷାଫଳ

ଜିଲ୍ଲାସ୍ତରୀୟ କୃଷି ବିଜ୍ଞାନ କେନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତମୃତ୍ତିକା ପରୀକ୍ଷାଫଳ



ପରୀକ୍ଷା ଫଳାଫଳ ଅନୁଯାୟୀ ଅନୁମୋଦନ - ମୃତ୍ତିକା ପରୀକ୍ଷାଗାର, ସେମିଳିଗୁଡ଼ା

ବର୍ଷ 2022...2023....

ନମୁନାର କ୍ର.ନଂ ... Lab No-5777

| ମୃତ୍ତିକା ପରୀକ୍ଷା ଫଳାଫଳ | |
|---|---|
| ୧. | ଅମ୍ଳତା 6.10 Acidic |
| ୨. | ଲବଣତା 0.2 Normal |
| ୩. | ଜୈବିକ ଅଙ୍ଗାର (%) 0.65 Medium |
| ୪. | ସହଜ ଲଭ୍ୟ ଯବକ୍ଷାରଜାନ 347 Medium |
| ୫. | ସହଜ ଲଭ୍ୟ ଫସ୍‌ଫରସ୍ (କି.ଗ୍ରା/ହେକ୍ଟର) 2 Low |
| ୬. | ସହଜ ଲଭ୍ୟ ପଟାସ୍ (କି.ଗ୍ରା/ହେକ୍ଟର) 681 High |
| ୭. | ଚାଷୀ କେଉଁ ଫସଲ ଚାଷ କରିବେ |
| ୮. | ଫସଲ ଋତୁ (ଖରିଫ/ରବି/ଗ୍ରୀଷ୍ମ) |
| ଉପଲବ୍ଧ ଅଣୁସାର / ଗୌଣ ସାର | |
| ୯. | ଗନ୍ଧକ |
| ୧୦. | ଦସ୍ତା |
| ୧୧. | ଲୌହ |
| ୧୨. | ମାଙ୍ଗାନିଜ୍ |
| ୧୩. | ତମ୍ବା |
| ୧୪. | ବୋରନ୍ |
| ୧୫. | ମଲିବଡିନମ୍ |

| ଅନୁମୋଦିତ ପଦକ୍ଷେପ | |
|---|---|
| ଅନୁମୋଦିତ ସାର | |
| ୧. | ଜୈବିକ ଖତ/ସାର (ଟନ/ଏକର) |
| ୨. | ଯବକ୍ଷାରଜାନ (କି.ଗ୍ରା/ଏକର) |
| ୩. | ଫସ୍‌ଫରସ୍ (କି.ଗ୍ରା/ଏକର) |
| ୪. | ପଟାସ୍ (କି.ଗ୍ରା/ଏକର) |
| ୫. | ଜୈବ ସାର |
| ୬. | ମୃତ୍ତିକା ସଂଶୋଧକ |
| ଅନୁମୋଦିତ ଅଣୁସାର / ଗୌଣ ସାର | |
| ୭. | ଗନ୍ଧକ |
| ୮. | ଦସ୍ତା |
| ୯. | ଲୌହ |
| ୧୦. | ମଙ୍ଗାନିଜ୍ |
| ୧୧. | ତମ୍ବା |
| ୧୨. | ବୋରନ୍ |
| ୧୩. | ମଲିବଡିନମ୍ |

Adv. Consult the Asst. Horticulture Officer Dasamanthpur, for the above crop fertiliser recommendation.

ଅତିରିକ୍ତ କୃଷି ନିର୍ଦ୍ଦେଶକ, ସେମିଳିଗୁଡା
KORAPUT

# ସର୍ପଗନ୍ଧା ଚାଷର ସୋପାନ
# (ଜମି ପ୍ରସ୍ତୁତି)

- ଏପ୍ରିଲ ମାସର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ମୁଖ୍ୟ କ୍ଷେତକୁ ଭଲ ଭାବରେ ହଳ କରି ମାଟି ଗୁଣ୍ଡ କରିବାକୁ ପଡ଼ିବ ତଥା ମାଟିକୁ 15 ଦିନ ଖରା ଖୁଆଇବାକୁ ପଡ଼ିବ ଯାହା ଦ୍ୱାରା ମାଟିରେ ଥିବା ଅଦରକାରୀ ସୂକ୍ଷ୍ମ ଅଣୁଜୀବ ତଥା ବୀଜାଣୁମାନେ ନଷ୍ଟ ହୋଇଯିବେ
- ଏହା ପରେ ପ୍ରଥମ ପ୍ରାକ-ମୌସୁମୀ ବର୍ଷା ପରେ ପରେ ଦ୍ୱିତୀୟ ହଳ କରିବାକୁ ପଡ଼ିବ ଓ ଏହି ଦ୍ୱିତୀୟ ହଳ ସମୟରେ ଜମିରେ ଆବଶ୍ୟକତା ଅନୁଯାୟୀ 5 ରୁ 7 ଟନ ଉତ୍ତମ ଭାବରେ ସଢ଼ି ଯାଇଥିବା ଗୋବର ଖତ କିମ୍ବା 2 ରୁ 3 ଟନ ଶୁଖା ଗୋବର ଖତ ସହ 1 ରୁ 2 ଟନ ସବୁଜ ଖତ ତଥା 25 କିଲୋଗ୍ରାମ ନିମ ପିଡିଆ ଗୁଣ୍ଡ ଜମିରେ ପକେଇ ଭଲଭାବରେ ହଳ କରିବାକୁ ପଡ଼ିବ |
- ଏହାପରେ ଜମିରେ ହୁଡ଼ା ଟେକି ଦେବାକୁ ପଡିବ. ଦୁଇଗୋଟି ହୁଡ଼ା ମଧ୍ୟରେ ଦୂରତା ଅତିବେଶୀରେ 45 ସେଣ୍ଟିମିଟର ହବା ଜରୁରୀ |

## ପ୍ରଥମ ହଳ ପରେ ମୁଖ୍ୟ କ୍ଷେତର ଫଟୋଗ୍ରାଫ





## ଦ୍ୱିତୀୟ ହଳ ପରେ ମୁଖ୍ୟ କ୍ଷେତର ଫଟୋଗ୍ରାଫ



## ସର୍ପଗନ୍ଧା ଚାଷର ସୋପାନ
## (ନର୍ସରୀ ମାଧ୍ୟମରେ ସର୍ପଗନ୍ଧାର ଚାଷ)

- ଯଦିଓ ସର୍ପଗନ୍ଧା ଚାଷ କାଣ୍ଡ, ଚେର ଓ ମଞ୍ଜିରୁ କରାଯାଇ ପାରିବ, କିନ୍ତୁ ନର୍ସରୀ ମାଧ୍ୟମରେ ସର୍ପଗନ୍ଧା ମଞ୍ଜିରୁ ସର୍ପଗନ୍ଧା ଚାରା କରି ଏହାର ଚାଷ କଲେ ଗଛ ନଷ୍ଟ ହବାର ଆଶଙ୍କା ବହୁଳ ପରିମାଣରେ ହ୍ରାସ ପାଇଥାଏ ତଥା ଚେରର ଅମଳ ସର୍ବାଧିକ ହୋଇଥାଏ |
- ସର୍ପଗନ୍ଧା ନର୍ସରୀ ପାଇଁ ବେଡ଼ର ଆକାର ଲମ୍ବାରେ 4.5 ଫୁଟ, ପ୍ରସ୍ଥରେ 1.5 ଫୁଟ ଏବଂ ଉଚ୍ଚତାରେ 0.5 ଫୁଟ ହେବା ବିଧେୟ|
- ଏହାକୁ ଫେବ୍ରୁଆରୀ ମାସର ତୃତୀୟ ସପ୍ତାହରୁ ଆରମ୍ଭ କରି ମାର୍ଚ୍ଚ ମାସର ତୃତୀୟ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରି ମଞ୍ଜି ବୁଣି ଦେବାକୁ ପଡିବ |
- ମଞ୍ଜି ବୁଣିବ ପରେ ପରେ ଭଲ ଭାବରେ ଗୁଣ୍ଡ ହୋଇଥିବା ଶୁଖିଲା ଶଢା ଗୋବର ଖତକୁ ଭଲ ଭାବରେ ଏହି ମଞ୍ଜି ଉପରେ ବିଞ୍ଚି ଦେଇ ମଞ୍ଜିରୁ ଗଜା ବାହାରିବା ପର୍ଯ୍ୟନ୍ତ ଯାହାକି ବୁଣିବା ଠାରୁ 30 ରୁ 40 ଦିନ ପର୍ଯ୍ୟନ୍ତ ଦିନକୁ 2 ଥର ପାଣି ସିଞ୍ଚନ କରିବାକୁ ପଡିବ |
- ମଞ୍ଜି ବୁଣିବା ପୂର୍ବରୁ ମଞ୍ଜିକୁ 5% ହାଣ୍ଡି ଖାତ ପାଣି ଘୋଳରେ ଗୋଳେଇ 4 ଘଣ୍ଟା ବତୁରେଇବାଟା ଜରୁରୀ ଯାହା ଫଳରେ ମଞ୍ଜିରୁ ଗଜା ସଅଳ ବାହାରି ଥାଏ ଓ ସର୍ପଗନ୍ଧାର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ|
- ଏହି ମଞ୍ଜିର ବାହ୍ୟ ଖୋଳପାଟି ମୋଟା ହୋଇଥିବାରୁ ଏହାକୁ ନର୍ସରୀ ପଟାଳିରେ ବୁଣିବା ପୂର୍ବରୁ ଏହାକୁ ଭଲ ଭାବରେ 24 ଘଣ୍ଟା ଯାକେ ବତୁରାଇ, ମଞ୍ଜିକୁ କପଡ଼ାରେ ଭଲଭାବରେ ବାନ୍ଧି ପାଳଗଦା କିମ୍ବା ଗଦା ହୋଇଥିବା ଗୋବରଖତ ମଧ୍ୟରେ 24 ଘଣ୍ଟା ପର୍ଯ୍ୟନ୍ତ ପୋତି ତାପରେ ବୁଣିବା ଜରୁରୀ | ଏହା ଫଳରେ ମଞ୍ଜିର ଅଙ୍କୁରୋଦଗମ କ୍ଷମତାରେ ବହୁଳ ବୃଦ୍ଧି ଘଟିଥାଏ|
- ସାଧାରଣତଃ ନଭେମ୍ବର ମାସରୁ ଫେବୃଆରୀ ମାସ ମଧ୍ୟରେ ସଂଗୃହିତମଞ୍ଜିକୁ ନର୍ସରୀରେ ବ୍ୟବହାର କରିବା ଉଚିତ|



ସର୍ପଗନ୍ଧା ମଞ୍ଜି



ନର୍ସରୀରେ ସର୍ପଗନ୍ଧା ଚାରା ରୋପଣ ନିମନ୍ତେ ପ୍ରସ୍ତୁତ

## ସର୍ପଗନ୍ଧା ଚାଷର ସୋପାନ
## (ମୁଖ୍ୟ କ୍ଷେତରେ ସର୍ପଗନ୍ଧା ଚାରା ରୋପଣ )

- ପ୍ରାକ-ମୌସୁମୀ ବର୍ଷା ପରେ ପରେ ସର୍ପଗନ୍ଧା ଚାରାଗୁଡିକ 6 ରୁ 7 ସପ୍ତାହର ହୋଇଗଲେ ସର୍ପଗନ୍ଧାର ମୁଖ୍ୟ କ୍ଷେତରେ ପ୍ରତିରୋପଣ କରାଯାଇଥାଏ, ଯାହାକି ଜୁନ ରୁ ଜୁଲାଇ ମାସ ମଧ୍ୟରେ ହୋଇଥାଏ ।
- ନର୍ସରୀ ରୁ ଚାରା ଓପାଡିବାର 12 ଘଣ୍ଟା ପୂର୍ବରୁ ନର୍ସରୀରେ ଭଲଭାବରେ ପାଣି ମଡ଼େଇ ଚାରା ଓପାଡିବା ବିଧେୟ ଯାହା ଫଳରେ ଚାରାର ଚେର ନଷ୍ଟ ହୋଇ ନଥାଏ ଏବଂ ପ୍ରତିରୋପଣ ବେଳେ ଗଛ ନଷ୍ଟ ହୁଏ ନାହିଁ ।
- ଦୁଇ ଗୋଟି ଚାରା ମଧ୍ୟରେ ଦୂରତା 30 ସେଣ୍ଟିମିଟର ରହିବ ଜରୁରୀ ।



ମଞ୍ଜି ଅମଳ ନିମନ୍ତେ ସର୍ପଗନ୍ଧା ରୋପଣ (ଅନ୍ତଃଫସଲ ନମୁନା)

ଚେର ଓ ମଞ୍ଜି ଅମଳ ନିମନ୍ତେ ସର୍ପଗନ୍ଧା ରୋପଣ



## ସର୍ପଗନ୍ଧା ଚାଷର ସୋପାନ
## (ସର୍ପଗନ୍ଧା ଫସଲରେ କୋଡାଖୁସା, ଘାସ ବଛାବଛି  ତଥା ପୋଷକତତ୍ତ୍ୱର ପରିଚାଳନା)

- ସର୍ପଗନ୍ଧା ଚାଷରେ ସର୍ବାଧିକ 4 ଥର  ବଛା ବଛି ଓ କୋଡାଖୁସା କରାଯାଇଥାଏ |
- ପ୍ରଥମ କୋଡାଖୁସା ଚାରା ମୁଖ୍ୟ କ୍ଷେତରେ ରୋପଣର 60 ଦିନ ମଧ୍ୟରେ କରାଯିବାଟା ବିଧେୟ  | ପ୍ରଥମ ଥରର 5 ରୁ 6 ସପ୍ତାହ ମଧ୍ୟରେ ଦ୍ୱିତୀୟ କୋଡାଖୁସା କରାଯାଇ ଥାଏ |
- ସେହିପରି ଭାବରେ ତୃତୀୟ କୋଡାଖୁସା ଏବଂ ଘାସ ବଛା ବଛି କାର୍ଯ୍ୟଟି ଦ୍ୱିତୀୟ ଥରର 3 ମାସ ମଧ୍ୟରେ କରାଯାଇଥାଏ
- ଅନ୍ତିମ କୋଡାଖୁସାଟି ଚାରା ଲଗାଇବାର ଦ୍ୱିତୀୟ ବର୍ଷର ସେପ୍ଟେମ୍ବର ମାସରେ କରାଯାଇଥାଏ |
- ପ୍ରତି କୋଡାଖୁସା ଓ ଘାସ ବଛା ବଛି ପରେ ପୋଷାକତତ୍ୱ ବା ଖାଦ୍ୟସାର ଭାବରେ ଅମୃତଜଳ(୩୦ ଲିଟର ଅମୃତଜଳ ୩୦୦ ଲିଟର ପାଣିରେ ମିଶାଇ) କିମ୍ବା ଅମୃତ ଘୋଳ (50 ଲିଟର ଅମୃତ ଘୋଳ 300 ଲିଟର ପାଣିରେ ମିଶେଇ) ପ୍ରୟୋଗ କରିବାକୁ ହେବ |
- ପ୍ରତ୍ୟେକ ଥର  ପୋଷକତତ୍ତ୍ୱ ପ୍ରୟୋଗ ପରେ କ୍ଷେତରେ ଜଳସେଚନ କରିବା ନିତ୍ୟାନ୍ତ ଆବଶ୍ୟକ |
- ଚାରା ରୋପଣର 2 ରୁ 3 ମାସ ମଧ୍ୟରେ ଏଥିରେ ଫୁଲ ଆସିଥାଏ | ମାତ୍ର ସର୍ପଗନ୍ଧା ଗଛ ଲଗାଇବାର ପ୍ରଥମ ବର୍ଷ ଫୁଲ ରଖିବା ଉଚିତ ନୁହଁ କାରଣ ଗଛର ବୃଦ୍ଧି ଠିକ ଭାବରେ ହୋଇନଥାଏ |
- ଏଥିରୁ ଦ୍ୱିତୀୟ ବର୍ଷ, ଅର୍ଥାତ ଜୁଲାଇ ରୁ ଅଗଷ୍ଟ ମାସରେ ଯେଉଁ ଫୁଲ ଆସିଥାଏ ସେଥିରୁ ମଞ୍ଜି ସଂଗ୍ରହ କରିବା ବିଧେୟ |

## ସର୍ପଗନ୍ଧା ଚାଷର ସୋପାନ
## (ସର୍ପଗନ୍ଧା ଫସଲରେ ଜଳସେଚନର ଆବଶ୍ୟକତା)

- ସର୍ପଗନ୍ଧା ଫସଲ ଜଳବାୟୁର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ବଞ୍ଚିଥାଏ ଏବଂ ଏଥିରେ ଏହି ପ୍ରତିକୂଳ ପରିସ୍ଥିତିରେ ହିଁ ଔଷଧୀୟ ଗୁଣବତ୍ତାର ସର୍ବାଧିକ ବୃଦ୍ଧି ଘଟିଥାଏ |
- ଏହା ସତ୍ତ୍ୱେ ଏହି ଫସଲକୁ ଗ୍ରୀଷ୍ମ ଋତୁରେ ପ୍ରତି 15 ଦିନରେ ଥରେ ଜଳସେଚନ ଦରକାର ପଡିଥାଏ | ସେହିପରି ଶୀତ ଋତୁରେ ମାସକୁ ଥରଟିଏ ଲେଖାଏଁ ଜଳସେଚନର ଆବଶ୍ୟକ ପଡେ |
- ସର୍ପଗନ୍ଧା ଫସଲ ସାଧାରଣତଃ ବର୍ଷକରେ 8 ରୁ 10 ଥର ଜଳସେଚନ ଦରକାର କରିଥାଏ |

# ସର୍ପଗନ୍ଧା ଚାଷର ସୋପାନ
## (ରୋଗ ଓ ପୋକର ଦମନ ଓ ନିରାକରଣ)

| କୀଟ/ ରୋଗର ନାମ | କାରଣ ଓ ଲକ୍ଷଣ | ଚିକିତ୍ସା ଓ ନିରାକରଣ |
|---|---|---|
| ପାଇରଲିଡ଼ ସମ୍ବାଲୁଆ / ଗ୍ଲୀଫୋଡ଼ସ ବର୍ତ୍ତୁ ନାଲିସ | ଏହାର ଲକ୍ଷଣ ଗୁଡିକ ହେଲା ପତ୍ର ଗୁଡିକ ଝାଉଁଳି ଯାଇଥାଏ ଓ ପତ୍ର ଝଡି ପଡିଥାଏ। ଏହି କୀଟ ଗୁଡିକ କଅଁଳିଆ ପତ୍ର ଗୁଡିକୁ ଖାଇଯାଇ ଥାନ୍ତି ଫଳରେ ଗଛ ଗୁଡିକ ନଷ୍ଟ ହୋଇଯାଇଥାଏ। | • ଯଥା ଶୀଘ୍ର ଫସଲରେ 70 ପ୍ରତିଶତ ନିମ ତେଲ ଘୋଳକୁ ସିଞ୍ଚନ କରିବାକୁ ପଡିବ । ଏହାପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ତେଲ ଘୋଳକୁ ପାଞ୍ଚ ଥର ଫସଲରେ ସିଞ୍ଚନକଲେ ଏହି ରୋଗର ନିରାକରଣ କରାଯାଇପାରିବ। |
| କୋକହଫର ଗ୍ରବ / ଇନମାଳା ପଲୀତା | ଏହି ରୋଗ ଦ୍ଵାରା ଚାରା ଗୁଡିକ ସଂକ୍ରମିତ ହୋଇଥାନ୍ତି, ଫଳରେ ଚାରା ଗୁଡିକ ମରିଯାଇଥାନ୍ତି। | ➢ ଯଥା ଶୀଘ୍ର ଫସଲରେ 70 ପ୍ରତିଶତ ନିମ ତେଲ ଘୋଳକୁ ସିଞ୍ଚନ କରିବାକୁ ପଡିବ । ଏହାପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ତେଲ ଘୋଳକୁ ପାଞ୍ଚ ଥର ଫସଲରେ ସିଞ୍ଚନକଲେ ଏହି ରୋଗର ନିରାକରଣ କରାଯାଇପାରିବ।<br>➢ ଏହା ପରେ ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ। |

# ସର୍ପଗନ୍ଧା ଚାଷର ସୋପାନ
## (ରୋଗ ଓ ପୋକର ଦମନ ଓ ନିରାକରଣ)

| | | |
|---|---|---|
| ପତ୍ର ଚିତା ରୋଗ | ଏହି ରୋଗର ଲକ୍ଷଣ ଗୁଡିକ ହେଲା ପତ୍ର ର ଉପର ଓ ତଳ ଭାଗରେ ଧୂସର ରଙ୍ଗର ଛିଟା ପଡ଼ିଯାଏ ଏବଂ ପରେ ପରେ ପତ୍ର ଗୁଡିକ ହଳଦିଆ ପଡ଼ିଯାଏ । ଏହାପରେ ପତ୍ର ଗୁଡିକ ମରିଯାଏ। | • ଯଥା ଶୀଘ୍ର ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ।<br>• ଏହା ସହ ପାଞ୍ଚ ପ୍ରତିଶତ ବରଡେକ୍ସ ଘୋଳକୁ ପ୍ରତି 14 ଦିନ ଅନ୍ତରାଳରେ ଫସଲରେ, ମୁଖ୍ୟତଃ ଗଛର କାଣ୍ଡ ଓ ଚେରରେ 3ଥର ସିଞ୍ଚନ କଲେ ଏଥିରୁ ସମ୍ପୂର୍ଣ୍ଣ ଉପଶମ ମିଳେ। |
| ରୁଟ ନଟ ନେମାଟିଓଡ଼ / ମେଲିଡ଼ଗଇଂ ଇନକାଗନିସିଆ କିମ୍ବା ମେଲିଡ଼ଗଇଂ ହାପଲ | ଏହି ରୋଗ ର ଲକ୍ଷଣ ଗୁଡିକ ହେଲା ଚେରରେ ଗଣ୍ଠି ଗଣ୍ଠି ହୋଇଯାଏ, ଗଛର ବୃଦ୍ଧି ହୋଇନଥାଏ ଓ ପତ୍ର ଗୁଡିକ ଛୋଟ ଛୋଟ ହୋଇଯାଏ। | • ଯଥାଶୀଘ୍ର ସର୍ପଗନ୍ଧା ଗଛର ମୂଳ (ଚେର) ଏବଂ କାଣ୍ଡରେ ପାଞ୍ଚ ପ୍ରତିଶତ ବରଡେକ୍ସ ଘୋଳକୁ ପ୍ରତି 7 ଦିନ ଅନ୍ତରାଳରେ ଫସଲରେ, ମୁଖ୍ୟତଃ ଗଛର କାଣ୍ଡ ଓ ଚେରରେ 3 ଥର ସିଞ୍ଚନ କଲେ ଏଥିରୁ ସମ୍ପୂର୍ଣ୍ଣ ଉପଶମ ମିଳେ।<br>• ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ। |

## ସର୍ପଗନ୍ଧା ଚାଷର ସୋପାନ (ରୋଗ ଓ ପୋକର ଦମନ ଓ ନିରାକରଣ)



ଇନମାଳା ପଲୀତା



ଗ୍ଲୀଫୋଡ଼ସ ବର୍ତୁ ନାଲିସ



ରୁଟ ନଟ ନେମାଟିଓଡ଼



ପତ୍ର ଚିତା ରୋଗ

## ସର୍ପଗନ୍ଧା ଫସଲରେ ଅମଳ ଏବଂ ଅମଳ ପରବର୍ତ୍ତୀ ଯତ୍ନ

- ସର୍ପଗନ୍ଧା ଚାରା ରୋପଣ ର ପ୍ରାୟ ୧୮ ମାସ ପରେ ଏହାର ଚେର ଗୁଡିକ ଅମଳ ଉପଯୋଗୀ ହୋଇଯାଇଥାଏ |
- ଯଦି ଆମେ ଜୁଲାଇ ମାସରେ ଚାରା ରୋପଣ କରିଥାଉ ତେବେ ପରବର୍ତ୍ତୀ ବର୍ଷ ଜାନୁଆରୀ ମାସରେ ଏହା ଅମଳ କ୍ଷମ ହୋଇଥାଏ ଏବଂ ଏହି ସମୟରେ ହିଁ ଏହାର ଚେରରେ ଅଧିକ ମାତ୍ରାରେ ଆଲକାଲଏଡ ରହି ଥାଏ|
- ଅମଳ ପୂର୍ବରୁ ଜମିରେ ଜଳସେଚନ କରିବା ନିତ୍ୟାନ୍ତ ଆବଶ୍ୟକ ଯାହା ଦ୍ୱାରା ଚେର ଗୁଡିକୁ ଅମଳ କରିବା ସହଜ ହୋଇଯାଇଥାଏ |
- ଅମଳ ପରେ ଏହାର ଚେର ଗୁଡିକୁ ବୋହି ଯାଉଥିବା ପାଣିରେ ଧୋଇ ପରିଷ୍କାର କରିବା ଉଚିତ|
- ଚେର ଗୁଡିକ ୧୨-୧୫ ସେ. ମି. ଲମ୍ବର ଛୋଟ ଛୋଟ ଖଣ୍ଡ କରି ପରିଷ୍କାର ଜାଗାରେ ତଳେ କପଡା ବା ପାଲ ପାରି ଏବଂ ଚେର ଉପରେ ପରିଷ୍କାର ଧଳା କପଡା ଘୋଡାଇ ଶୁଖାଇବା ଉଚିତ|
- ଚେର ଗୁଡ଼କରୁ ଜଳୀୟ ଅଂଶ କମିଗଲେ ତାକୁ ଭଲ ବାୟୁ ଚଳାଚଳ କରୁଥିବା ଛାୟା ଥିବା ସ୍ଥାନରେ ଶୁଖାଯିବା ଟା ଜରୁରୀ |
- ଶୁଖିଲା ଚେର ଗୁଡିକୁ ପରିଷ୍କାର ବାୟୁ ଚଳାଚଳ କରିପାରୁନଥିବା ମୁଣିରେ ଭର୍ତ୍ତିକରି ଗୋଦାମ ଗୃହରେ ଉଚ୍ଚା ଜାଗାରେ ରଖିବା ଉଚିତ ଏବଂ ମଝିରେ ମଝିରେ ଏହାର ତଦାରଖ କରିବା ଉଛିତ|



ଅମଳ ଉପଯୋଗୀ ସର୍ପଗନ୍ଧା ମଞ୍ଜି



ପ୍ରାରମ୍ଭିକ ଉପଚାର ପରେ ବ୍ୟବହାର
ଉପଯୋଗୀ ସର୍ପଗନ୍ଧା ଚେର